# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ

ପତ୍ର ସଂଖ୍ୟା ୧୧୧୦ ତା ୨୦.୦୫.୨୫ ରିଖ

## ବିଜ୍ଞାପନ

ଏତଦ୍ଵାରା ବରକୋଟ ପଞ୍ଚାୟତ ସମିତି ଅନ୍ତର୍ଗତ କଣ୍ଠଳ ଗ୍ରାମ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ "ଯୋଗାଣ ସହାୟକ" ନିୟୋଜନ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ନିମ୍ନପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

**ଆବେଦନକାରୀଙ୍କ ଯୋଗ୍ୟତା :**

୧. ପ୍ରାର୍ଥୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୨. ପ୍ରାର୍ଥୀ ଅତି କମ୍ ରେ ଗ୍ରାଜୁଏଟ ହୋଇଥିବା ଆବଶ୍ୟକ ।
୩. ପ୍ରାର୍ଥୀଙ୍କର ବୟସ ଆବେଦନ କରିବାର ଶେଷ ତାରିଖ ସୁଦ୍ଧା ୨୧ ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ ହୋଇନଥିବା ଆବଶ୍ୟକ ।

**ଚୟନ ପଦ୍ଧତି**

ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, +୩ ପରିକ୍ଷାରେ ଉପଲବ୍ଧ ପାଶ୍ ନମ୍ବରର ଯଥାକ୍ରମେ ୩୦%, ୩୦% ଓ ୪୦% ହାର କୁ ନେଇ ଅଗ୍ରାଧିକାର କ୍ରମତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନରେ ଥିବା ଆବଦେନକାରୀଙ୍କୁ ଉପ – ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ନିଯୋଜିତ କରାଯିବ ।

**ପାରିତୋଷିକ**

ନିଯୋଜିତ ଯୋଗାଣ ସହାୟକ ମାସିକ ସର୍ବାଧିକ ଟ. ୮,୦୦୦/- ପାରିତୋଷିକ(Honorarium)ପାଇବେ I ମାତ୍ର ଏହି ପାରିତୋଷିକ ଗ୍ରାମ ପଞ୍ଚାୟତ ସାଧାରଣ ବଣ୍ଟନ ବ୍ୟବସ୍ଥା ରୁ ପାଉଥିବା ମୋଟ କମିଶନ ଅର୍ଥ ର ୮୦ ପ୍ରତିଶତ ରୁ ଅଧିକ ହେଉନଥିବ ।

**ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ**

ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନ ପତ୍ର ତା **୨୦.୦୬.୨୦୨୫** ରିଖ ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ , ଜିଲ୍ଲା ଦେବଗଡ , ଓଡିଶା – ୭୬୮୧୧୦ ଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି / ଶୀଘ୍ର ଡାକ (Registered/Speed Post) ଯୋଗେ ପହଞ୍ଚିବା ଆବଶ୍ୟକ । ଉକ୍ତ ତାରିଖ ପରେ ପ୍ରାପ୍ତ ହୋଇଥିବା ଆବଦେନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ । ରେଜିଷ୍ଟ୍ରି / ଶୀଘ୍ର ଡାକ (Registered/Speed Post) ବ୍ୟତୀତ ଅନ୍ୟ ମାଧମରେ ପ୍ରାପ୍ତ ହୋଇଥିବା ଆବଦେନ ପତ୍ର ଗୁଡିକୁ ଗ୍ରହଣୀୟ ହେବ ନାହିଁ ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର:**

ଆବେଦନକାରୀମାନେ ଆବଦେନ ପତ୍ର ସହିତ ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ ଉପରେ ନିଜର ଦସ୍ତଖତ ସହ ଦାଖଲ କରିବେ ।

୧. ମାଟ୍ରିକ୍ୟୁଲେସନ୍, +୨ ଓ +୩ ପରୀକ୍ଷାର ଉତ୍ତୀର୍ଣ୍ଣ ସାର୍ଟିଫିକେଟ ଓ ମାର୍କସିଟ ।
୨. ତହସିଲଦାର ଙ୍କ ଠାରୁ ପ୍ରାପ୍ତ ସଦ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।
୩. ଦୁଇଗୋଟି (୨) ପସପୋର୍ଟ ସାଇଜ ଫୋଟୋଗ୍ରାଫ ।
୪. ନିଜ ଠିକଣା ଉଲ୍ଲେଖଥିବା ଓ ପ୍ରତ୍ୟକରେ ୫୦ ଟଙ୍କା ଲେଖାଏଁ ଡାକଟିକଟେ ଲାଗିଥିବା ଦୁଇଗୋଟି (୨) ୨୫ ସେ.ମି. X ୧୨ ସେ.ମି.. ସାଇଜର ଲଫାପା ।

ଦରଖାସ୍ତ ଫର୍ମ ଓ ତତ୍ ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ **"କଣ୍ଠଳ ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର"** ଉଲ୍ଲେଖ ଥିବା ଆବଶ୍ୟକ ।

**ପ୍ରମାଣ ପତ୍ର/ ଦସ୍ତାବିଜର ମୂଳ ନକଲ ତନଖ :**

ଯୋଗାଣ ସହାୟକ ପଦବୀ ନିମନ୍ତେ ଆବେଦନକାରୀଙ୍କର ସମସ୍ତ ପ୍ରମାଣ ପତ୍ର / ଦସ୍ତାବୀଜର ମୂଳ ନକଲ ( ORIGINAL DOCUMENT VERIFICATION ) ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା . ୨୪.୦୬.୨୦୨୫ ପୂର୍ବାହ୍ନ ୧୧. ୦୦ ଘଟିକା** ସମୟରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ ଆବଶ୍ୟକ ପ୍ରମାଣ ପତ୍ର / ଦସ୍ତାବୀଜର ମୂଳ ନକଲ ସହ ) ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନହେଲେ ଆବେଦନକାରୀଙ୍କ ଆବେଦନ ପତ୍ର କୁ ବିଚାରକୁ ନିଆଯିବ ନାହି

**ବି . ଦ୍ର . ନିମ୍ନ ସ୍ଵାକ୍ଷରକାରୀଙ୍କ ଠାରେ ଆବେଦନକାରୀଙ୍କ ଆବେଦନ ପତ୍ର କିମ୍ବା ତାଙ୍କର ର ଚୟନ ପ୍ରକ୍ରିୟା ଓ ନିଯୁକ୍ତି କୁ ବିନା ସର୍ତରେ କୌଣସି କାରଣ ନ ଦର୍ଶାଇ ଖାରଜ କିମ୍ବା ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।**

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

# ଯୋଗାଣ ସହାୟକ ନିମନ୍ତେ ଆବେଦନ ପତ୍ର

passport size photo

1) ଆବେଦନ କରୁଥିବା ଗ୍ରାମ ପଞ୍ଚାୟତ ନାମ :

2) ଆବେଦନକାରୀଙ୍କ ନାମ :

3) ପିତାଙ୍କ ନାମ :

4) ସ୍ଥାୟୀ ଠିକଣା :

5) ଯୋଗାଯୋଗ ଠିକଣା :

6) ଜାତୀୟତା :

7) ଧର୍ମ :

8) ଲିଂଗ :

9) ଜନ୍ମ ତାରିଖ :

10) ଶିକ୍ଷାଗତ ଯୋଗ୍ୟତା :

| ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷା | ବୋର୍ଡ / ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ହୋଇଥିବା ବର୍ଷ | ଉତ୍ତୀର୍ଣ୍ଣ ଶ୍ରେଣୀ | ପୂର୍ଣ୍ଣ ନମ୍ବର | ରଖିଥିବା ନମ୍ବର | ଶତକଡା |
|---|---|---|---|---|---|---|
| ମାଟ୍ରିକ୍ୟୁଲେସନ୍ | | | | | | |
| +2 | | | | | | |
| +3 | | | | | | |

11) ମୋବାଇଲ ନମ୍ବର :

12) ଇ-ମେଲ୍ ଠିକଣା :

## ଘୋଷଣା

ମୁଁ ଏତଦ୍ବାରା ଘୋଷଣା କରୁଅଛି କି , ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ତଥ୍ୟାବଳୀ ମୋ ଜ୍ଞାତସାରରେ । ଯଦି ଭବିଷ୍ୟତ ରେ ଏହା ଭୁଲ୍ ପ୍ରମାଣିତ ହୁଏ, ସେଥିପାଇଁ ମୁଁ ଆଇନତଃ ଦାୟୀ ରହିବି ।

ସ୍ଥାନ:

ତାରିଖ:

ଆବେଦନକାରୀଙ୍କ ସ୍ୱାକ୍ଷର

ପରିପତ୍ର ସଂଖ୍ୟା ୧୧୧୧ /ତାରିଖ ୨୦.୦୬.୨୫

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ର ସଂଖ୍ୟା ୧୧୧୨ /ତାରିଖ ୨୦.୦୬.୨୫

ଏହାର ଏକକିତା ନକଲ ସରପଞ୍ଚ, କଣ୍ଠଳ ଗ୍ରାମ ପଞ୍ଚାୟତଙ୍କ ଅବଗତି ତଥା ବିଧି କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଓ ଗ୍ରାମ ପଞ୍ଚାୟତର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ର ସଂଖ୍ୟା ୧୧୧୩ /ତାରିଖ ୨୦.୦୬.୨୫

ଏହାର ଏକକିତା ଅବିକଳ ନକଲ DeGM,ଦେବଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଦେବଗଡ ଜିଲ୍ଲା ୱେବସାଇଟରେ ତା . ୨୦.୦୬.୨୦୨୫ ଅପରାହ୍ନ ୨ .୦୦ ଘଟିକା ପର୍ଯନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା। ।

ଗୋଷ୍ଠୀଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ର ସଂଖ୍ୟା ୧୧୧୪ /ତାରିଖ ୨୦.୦୬.୨୫

ଏହାର ଏକକିତ ନକଲ ବେସାମରିକ ଯୋଗାଣ ଅଧିକାରୀ, ଦେବେଗଡ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ର ସଂଖ୍ୟା ୧୧୧୫ /ତାରିଖ ୨୦.୦୬.୨୫

ଏହାର ଏକକିତ ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ ଦେବଗଡ, ଉପଜିଲ୍ଲାପାଳ,ଦେବଗଡ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା। ଏବଂ ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ର ସଂଖ୍ୟା ୧୧୧୬ /ତାରିଖ ୨୦.୦୬.୨୫

ଏହାର ଏକକିତ ନକଲ ଜିଲ୍ଲାପାଳ,ଦେବେଗଡ ଙ୍କ ସଦୟ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ